# ଓଡ଼ିଶା ବଜେଟ୍ ‘ହତାଶ ହୋଇଛନ୍ତି ଶିକ୍ଷିତ ଯୁବଗୋଷ୍ଠୀ’

ବାଲେଶ୍ୱର,୧୭।୨(ସମିସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଚଳିତ ଆର୍ଥିକ ବର୍ଷ ୨୦୨୫- ୨୬ ପାଇଁ ବିଧାନସଭାରେ ସର୍ବମୋଟ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ ହୋଇଛି । ଏହାକୁ ନେଇ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି ।

- ଆଜିର ବଜେଟରେ ମୁଖ୍ୟମନ୍ତ୍ରୀ ଜଳସେଚନ ଓ କୃଷିକୁ ପ୍ରାଧାନ୍ୟ ଦେଇଛନ୍ତି । ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ । ମାତ୍ର ବାଲେଶ୍ୱର ଜିଲ୍ଲାରେ କୃଷକମାନଙ୍କ ଉତ୍ପାଦିତ ସାମଗ୍ରୀ ରଖିବା ପାଇଁ ସରକାରଙ୍କ ତରଫରୁ ଶୀତଳଭଣ୍ଡାର ହୋଇପାରିଲା ନାହିଁ। ଏଥିସହିତ କୃଷକମାନଙ୍କ ଉତ୍ପାଦିତ ଦ୍ରବ୍ୟର ଦର ମଧ୍ୟ ସ୍ଥିତି ହୋଇପାରିଲା ନାହିଁ। ଏହାବ୍ୟତୀତ ଓଡ଼ିଶାର ଖଣିଜ ପଦାର୍ଥର ସୁରକ୍ଷା ପାଇଁ କୌଣସି ଯୋଜନା ନାହିଁ। ଯୁବପିଢିଙ୍କ ନିଯୁକ୍ତି ପାଇଁ ନୂତନ ଶିଳ୍ପ ସଂସ୍ଥା ବ୍ୟବସ୍ଥା ନାହିଁ। ଶିଶୁ ଏବଂ ମହିଳାମାନଙ୍କ ସୁରକ୍ଷା ପ୍ରତି ସରକାର ଜମାରୁ ଧ୍ୟାନ ଦେଇନାହାଁନ୍ତି ।

**ମନୋଜ ନାୟକ, ବରିଷ୍ଠ ଆଇନଜୀବୀ**

- ବଜେଟରେ ଓଡିଶାର ଶିକ୍ଷିତ ଯୁବଗୋଷ୍ଠୀଙ୍କ ନିଯୁକ୍ତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇନାହିଁ । ଯଦି ଆମେ ଦେଖିବା ରାଜ୍ୟର ବିଭିନ୍ନ ସରକାରୀ ଦପ୍ତରରେ ଆଉଟ ସୋର୍ସିଙ୍ଗ୍ ଜରିଆରେ ଲକ୍ଷ ଲକ୍ଷ ଯୁବଗୋଷ୍ଠୀ ଅତି କମ୍ ବେତନରେ ବେଠି ଖଟୁଛନ୍ତି । ସେମାନଙ୍କ ଚାକିରୀ ସ୍ଥାୟୀ ସହ ପୂର୍ଣ୍ଣ ଦରମା ଉପରେ କୌଣସି ଗୁରୁତ୍ୱ ଦିଆଯାଇନାହିଁ। ନୂତନ ସରକାରଙ୍କ ଏହି ବଜେଟ ହତାଶ ହୋଇଛନ୍ତି ଶିକ୍ଷିତ ଯୁବଗୋଷ୍ଠୀଙ୍କ ସହ ବର୍ଷବର୍ଷ ଧରି ସରକାରୀ ଦପ୍ତରରେ କାର୍ଯ୍ୟରତ ଆଉଟ ସୋର୍ସିଙ୍ଗ୍ କର୍ମଚାରୀ ।

**ସାନୁ କୁମାର ସାସମଲ, ସମାଜସେବୀ**

- ନୂଆ ସରକାରଙ୍କ ଦ୍ୱାରା ପ୍ରଣୀତ ପୂର୍ଣ୍ଣାଙ୍ଗ ବଜେଟରେ କିଛି ନୂତନତ୍ୱ ନାହିଁ। ନୂଆ ସରକାର ପୂର୍ବ ସରକାରଙ୍କ ପଥ ଅନୁସରଣ କରିଛନ୍ତି। ଦୁଇ ଲକ୍ଷ୍ୟ ନବେ ହଜାର କୋଟି ଟଙ୍କାର ବଜେଟ୍‌ରେ ସରକାର ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ନାରୀ ସଶକ୍ତିକରଣ ସବୁ ଦିଗକୁ ଧ୍ୟାନ ଦେଇଥିବାର ଲକ୍ଷ୍ୟ କରାଯାଉଛି । ରାଜ୍ୟରେ ଶିଳ୍ପର ବିକାଶ ଦିଗରେ ସରକାର ଧ୍ୟାନ ଦେବେ ବୋଲି ଆଶା ଥିଲା ଯାହା ଦ୍ୱାରା ରାଜ୍ୟର ବେକାରୀ ସମସ୍ୟା କିଛି ମାତ୍ରାରେ ଦୂର ହୋଇ ପାରିଥାନ୍ତା । ରାଜ୍ୟର ଆଇନ ବ୍ୟବସ୍ଥାକୁ ଆଖିରେ ରଖି ନୂତନ ଫାଣ୍ଡି ଗଠନକୁ ନେଇ ଯେଉଁ ନିଷ୍ପତ୍ତି ସରକାର ନେଇଛନ୍ତି ତାହା ଭଲ ପଦକ୍ଷେପ ।

**ବିଶ୍ୱଜିତ୍ ଦାସ, ଯୁବନେତା**

- ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବା ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ପର୍ଯ୍ୟଟନ, ମହିଳା ଶିଶୁ ବିକାଶ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ପରିବେଶ, କ୍ରୀଡା ଓ ଶ୍ରୀମନ୍ଦିରର ଭିତ୍ତିଭୂମି ଓ ଅନ୍ୟାନ୍ୟ ସବୁ କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ନୂତନ ନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ ଏବଂ ଶିକ୍ଷା କ୍ଷେତ୍ରରେ ନୂତନ ଅଭ୍ୟୁଦୟ ପାଇଁ ଏକ ସ୍ୱାଗତ ଯୋଗ୍ୟ ବଜେଟ୍ । ବିଶେଷ କରି ଶିକ୍ଷାର ମୂଳ ଭିତ୍ତିଭୂମି ହେଉଚି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୩୧୧୮୫ କୋଟିର ବଜେଟ୍ ଘୋଷଣା କରି ଆଗାମୀ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ବିଶ୍ୱାସ । କିନ୍ତୁ ଯୁବ ସମାଜ ଓ ଉଚ୍ଚଶିକ୍ଷା ପାଇଁ ଆଉ କିଛି ବଜେଟ୍‌ରେ ସ୍ଥାନ ପାଇଥିଲେ ଭଲ ହୋଇଥାନ୍ତା ।

**ଦେବେନ୍ଦ୍ର ଆଚାର୍ଯ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ**

- ମୋହନ ସରକାରଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟରେ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ତଥା ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ନିଆ ଯାଇଥିବା ପଦକ୍ଷେପ ସ୍ୱାଗତ ଯୋଗ୍ୟ । ସେହିପରି ରାଜ୍ୟକୁ କୃଷି ସମୃଦ୍ଧ କରିବା ନିମନ୍ତେ ହେଉ ଅବା ଶିକ୍ଷା କ୍ଷେତ୍ରରେ ସମୃଦ୍ଧ କରିବା ପାଇଁ ପ୍ରତିଟି ଘୋଷଣା କାର୍ଯ୍ୟକାରୀ ହେଲେ ଏହାର ସୁବିଧା ରାଜ୍ୟବାସୀ ମାନେ ପାଇ ପାରିବେ । ତେବେ ଅଧ୍ୟାପକ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ବିଶ୍ୱବିଦ୍ୟାଳୟ ସ୍ତରରେ ହେଉଥିବା ଗବେଷଣାକୁ ସୁଦୃଢୀକରଣ ସର୍ବୋପରି ଅନ୍ତର୍ଜାତୀୟ ସ୍ତରରେ ପାଠ୍ୟକ୍ରମର ସ୍ତର ସହ ରାଜ୍ୟର ପାଠ୍ୟକ୍ରମ କିପରି ସମାନ୍ତର ହୋଇ ପାରିବ ସେଥିପାଇଁ ବିଶେଷ ଦୃଷ୍ଟି ଦେଇଥିଲେ ଭଲ ହୋଇଥାନ୍ତା ।

**ନେତାଜୀ ତାପସ କୁମାର ସାହୁ, ସାମ୍ବାଦିକ**

- ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆସିଥିବା ବଜେଟରେ ମହିଳା ମାନଙ୍କ ସୁରକ୍ଷା, ସୁଭଦ୍ରା ଯୋଜନା ତଥା ମିଶନ ଶକ୍ତି ପାଇଁ କରାଯାଇଥିବା ଘୋଷଣାର ବାସ୍ତବ କ୍ରିୟାନ୍ୱୟନ ହେବା ଆବଶ୍ୟକ । ଫଳରେ ମହିଳା ସଶକ୍ତିକରଣ ଦିଗରେ ଏହା ସହାୟକ ହେବ। ସେହିପରି ଓଡିଆ ଚଳଚ୍ଚିତ୍ରର ପୁନଃରୁଦ୍ଧାର ତଥା ଏହାକୁ ଶିଳ୍ପ ମାନ୍ୟତା ପ୍ରଦାନ ପୂର୍ବକ ସମଗ୍ର ଭାରତ ବର୍ଷରେ ନୂତନ ପରିଚୟ ଦେବା ପାଇଁ ବ୍ୟବସ୍ଥା କରିଥିଲେ ଆହୁରି ଭଲ ହୋଇଥାନ୍ତା ।

**ରାଜସ୍ମିତା ବାରିକ୍, ରିସର୍ଚ୍ଚ ଫେଲୋ**

- ସରକାରଙ୍କ ବଜେଟ୍ ସ୍ୱାଗତଯୋଗ୍ୟ। କିନ୍ତୁ ସରକାରଙ୍କୁ ଏମଏସଏମଇ କ୍ଷେତ୍ରରେ ଷ୍ଟେକ ହୋଲଡର୍ ବା ନିବେଶକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । କାରଣ ଏହା ମଧ୍ୟବିତ୍ତ ବର୍ଗର ଲୋକଙ୍କ ଅର୍ଥନୀତିକୁ ବୃଦ୍ଧି କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ। ସେହିପରି କୃଷକଙ୍କ ପାଇଁ ବଜେଟ୍ ଆବଣ୍ଟନରେ ୧୨ ପ୍ରତିଶତ ବଦଳରେ ୧୫ ପ୍ରତିଶତ ବୃଦ୍ଧି କରାଯିବା ଉଚିତ । ସରକାର ଅଧିକ ଆର୍ଥିକ ଆବଣ୍ଟନ ସହିତ ଶିକ୍ଷା କ୍ଷେତ୍ରରେ ସୁବିଧାକୁ ଅଧିକ ପ୍ରାଥମିକତା ଦେଉଛନ୍ତି। ଏଥିସହିତ ଅଧିକ ଆଳୁ ଉତ୍ପାଦନ ଏବଂ ଶୀତଳଭଣ୍ଡାର ହେବା ଆବଶ୍ୟକ ।

**ପ୍ରଭାତ ସ୍ୱାଇଁ, କୋଷାଧ୍ୟକ୍ଷ, ଓଡ଼ିଶା କେମିକାଲ ସୋସାଇଟି ।**

# ବାଲେଶ୍ୱରରେ ବାସ୍ତୁ ପ୍ରଶିକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ



ବାଲେଶ୍ୱର,୧୭।୨(ସମିସ): ରାଜସ୍ଥାନର ପ୍ରସିଦ୍ଧ ବାସ୍ତୁବିତ ଆଚାର୍ଯ୍ୟ ପଙ୍କିତ ଗୋୟଲଙ୍କ ସହଯୋଗୀ ଜୟଦେବ ଜେନାଙ୍କ ସୌଭାଗ୍ୟ ଚକ୍ର ଜ୍ୟୋତିଷ କେନ୍ଦ୍ର ଭୀମପୁର ତରଫରୁ ଏକ ବାସ୍ତୁ ପ୍ରଶିକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ ହୋଟେଲ ଚନ୍ଦ୍ରଭାଗାରେ ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରେ ଶିକ୍ଷୟିତ୍ରୀ ବୃନ୍ଦାବତୀ ଦାସ ଶ୍ରୀଜଗନ୍ନାଥଙ୍କ ବନ୍ଦନା ଗାଇଥିଲେ । ଶ୍ରୀ ଜୟଦେବ ଜେନା ବାସ୍ତୁ ପ୍ରଶିକ୍ଷଣ ମାଧ୍ୟମରେ କେମିତି ବାସ୍ତୁ ପରୀକ୍ଷା କରିବେ, ବାସ୍ତୁର ଦିଗ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଗୌତମ କୁମାର ଜେନା, ସମୀର ଜେନା, ପ୍ରତାପ ନାୟକ, ଜୟକୃଷ୍ଣ ଦାସ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜଗନ୍ନାଥ ସଂସ୍କୃତି ପ୍ରବଚକ ଶାନ୍ତି ସ୍ୱରୂପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀନିକ୍ସ କଲେଜର ଗ୍ରାଜୁଏସନ ଡେ’ ପାଳିତ




ବାଲେଶ୍ୱର,୧୭ ।୨(ସମିସ): ରାଣୀପାଟଣାସ୍ଥିତ ଶ୍ରୀନିକ୍ସ କଲେଜ ଅଫ ଇଂଜିନିୟରିଂରେ ଗ୍ରାଜୁଏସନ ଡେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ୨୦୨୦-୨୪ମସିହାର ବିଟେକ ଗ୍ରାଜୁଏସନରେ ପାସ କରିଥିବା ସମସ୍ତ ବିଭାଗ ତଥା ସିଭିଲ ଇଂଜିନିୟରିଂ, ଇଲେକ୍ଟ୍ରିକାଲ ଇଂଜିନିୟରିଂ, କମ୍ପ୍ୟୁଟର ସାଇନସ ଇଂଜିନିୟରିଂ ତଥା ସିଭିଲ ଇଂଜିନିୟରିଂ ବିଭାଗର ୨୩୧ଜଣ ସ୍ନାତକ ଡିଗ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥିମାନେ ବୈଷୟିକ ଶିକ୍ଷା ପ୍ରମାଣପତ୍ର ଗ୍ରହଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ଇଂ. ହୃଷିକେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଯଶୋବନ୍ତ କୁମାର ମହାନ୍ତି ପୌରୋହିତ୍ୟ କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଅନୁଷ୍ଠାନର ଏକାଡେମିକ ଡିନ ଡ. ଅରବିନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବାଲେଶ୍ୱର,୧୭।୨(ସମିସ): ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ସହଦେବଖୁଣ୍ଟାସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିର ବିଦ୍ୟାଳୟର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସମ୍ମାନୀତ ଅତିଥି ଭାବେ ୨୨ନମ୍ବର ୱାର୍ଡ କାଉନସିଲର ଦେବାଶିଷ ସିଂହ ଏଥିରେ ଯୋଗଦେଇ ବିଦ୍ୟାଳୟର ନିଜସ୍ୱ ଭୂମି ଏବଂ ଘର ପାଇଁ ସରକାରୀ ସ୍ତରରେ ସହଯୋଗ କରିବେ ବୋଲି ମତ ରଖିଥିଲେ ।

ସେହିଭଳି ସନ୍ଧ୍ୟାରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟ ବକ୍ତା କର୍ନେଲ ଗୁଣାକର ବାରିକ ଯୋଗଦେଇଥିଲେ। ପରିଚାଳନା ସମିତିର ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରହରାଜ,୨୧ନମ୍ବର ୱାର୍ଡ କାଉନସିଲର ଚିତ୍ତ ରଞ୍ଜନ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚନ୍ଦନ ଗିରି, ପ୍ରଧାନ ଆଚାର୍ଯ୍ୟ ରଶ୍ମୀକାନ୍ତ ପଣ୍ଡା, ବିଦ୍ୟାଳୟ ଉପଦେଷ୍ଟା କମିଟିର ମୁଖ୍ୟ ଅଶୋକ କୁମାର ପୁରୀ ପ୍ରମୁଖ ଅଭିଭାଷଣ ରଖିଥଲେ ।

## ବସ୍ତା ନିର୍ବାଚନମଣ୍ଡଳୀରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିବା ପ୍ରସଙ୍ଗ

# ବିଧାନସଭାରେ ଉଦ୍‌ବେଗ ପ୍ରକାଶ କଲେ ବିଧାୟିକା




ବାଲେଶ୍ୱର,୧୭।୨(ସମିସ): ବାଲେଶ୍ୱର ଜିଲ୍ଲାର ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା, ବାଲିଆପାଳ ଓ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡ଼ାକ୍ତର ପଦବୀ ଅଭାବ ପ୍ରସଙ୍ଗରେ ଆଜି ବିଧାନସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା ପ୍ରଶ୍ନ ଉତ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ଡିସେମ୍ବର ୧୧ରେ ଶୀତକାଳୀନ ଅଧିବେସନରେ ଗୃହର ଶୂନ୍ୟକାଳରେ ବସ୍ତା ନିର୍ବାଚନମଣ୍ଡଳୀର ତିନୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କର ଅଭାବରେ ମହିଳା ମାନେ କିପରି ଅସୁବିଧାର ସମ୍ମୁଖିନ ହେଉଛନ୍ତି ତା ଉପରେ ଉଲ୍ଲେଖ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଜଣେ ହେଲେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କର ପୋଷ୍ଟିଂ ହୋଇ ପାରିଲା ନାହିଁ ବୋଲି କ୍ଷୋଭ ପ୍ରକାଶ କରି କେବଳ ବସ୍ତା ହସ୍ପିଟାଲକୁ ସପ୍ତାହରେ ଦୁଇ ଦିନ ପାଇଁ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡେପୁଟେସନରେ ଆସୁଛନ୍ତି ବୋଲି କହିଥିଲେ । ଏଥି ସହିତ କେବେ ସୁଦ୍ଧା ଏହି ଖାଲି ପଡିଥିବା ପଦବୀ ସବୁ ପୂରଣ ହେବ ତାକୁ ନେଇ ବିଧାୟିକା ଶ୍ରୀମତୀ ଜେନା ଗୃହରେ ଗଭୀର ଉଦବେଗ ପ୍ରକାଶ କରିଥିଲେ । ଅନ୍ୟ ଏକ ପ୍ରଶ୍ନରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ଦୈନିକ ଏଠାକୁ ଆମ ଜିଲ୍ଲା ସହିତ ପଡୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ସୀମାନ୍ତବର୍ତ୍ତି ଜିଲ୍ଲାରୁ ହଜାର ହଜାର ରୋଗୀ ଆସୁଥିବା ବେଳେ ଉପଯୁକ୍ତ ଚିକିତ୍ସା ମିଳିପାରୁ ନାହିଁ। ତେଣୁ ଖାଲିପଡ଼ିଥିବା ପଦବୀ ଗୁଡ଼ିକୁ କେବେ ସୁଦ୍ଧା ପୂରଣ କରାଯିବ ତାହା ଜଣାଇବେ କି ବୋଲି ବିଧାୟିକା ଜେନା ପଚାରିଥିଲେ।

ଏହାରି ଉତ୍ତରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ କୁମାର ମହାଲିଙ୍ଗ କହିଥିଲେ ଯେ, ଏହି ପ୍ରସଙ୍ଗରେ ବିଧାୟିକା ମୋତେ ବ୍ୟକ୍ତିଗତ ସାକ୍ଷାତ କରି ଦାବି ଜଣାଇଥିଲେ । ଗତ ଫେବୃଆରୀ ୧୨ରେ ଏନେଇ ରାଜ୍ୟ ଲୋକସେବା ଆୟୋଗଙ୍କ ପକ୍ଷରୁ ୫୨୪୮ ଟି କନିଷ୍ଠ ବର୍ଗ ଡାକ୍ତର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି ଓ ଖୁବଶୀଘ୍ର ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ହେବ ଏବଂ ସେ ପର୍ଯ୍ୟନ୍ତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡେପୁଟେସନରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପଠାଇବାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଭିନ୍ନକ୍ଷମ ପ୍ରମାଣପତ୍ର ଥାଇ ମିଳୁନି ଭତ୍ତା

ବାଲେଶ୍ୱର,୧୭ ।୨(ସମିସ): ଭିନ୍ନକ୍ଷମ ପ୍ରମାଣପତ୍ର ଥାଇ ସୁଦ୍ଧା ସେ ଆଜି ପର୍ଯ୍ୟନ୍ତ ଭିନ୍ନକ୍ଷମ ଭତ୍ତା ପାଇ ପାରୁ ନାହାନ୍ତି । ଖଇରା ଥାନା ଅର୍ନ୍ତଗତ ନହଙ୍ଗ ଗ୍ରାମର କାଳନ୍ଦି ଦାସ (୪୨) । ଆଜକୁ ୮ବର୍ଷ ଧରି ତାଙ୍କର ଦୁଇ ଆଖିକୁ ଦେଖାଯାଉ ନାହିଁ। ଏପରିକି ଡାକ୍ତରଙ୍କୁ ଦେଖାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ସେ ଘରର ଏକମାତ୍ର ରୋଜଗାରିଆ ଲୋକ ହୋଇଥିବାରୁ ରୋଜଗାର କରି ଘର ଚଳେଇ ପାରୁ ନାହାନ୍ତି । ଫଳରେ ସେ ତାଙ୍କ ମାଙ୍କ ଉପରେ ନିର୍ଭର କରୁଛନ୍ତି । ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ତାଙ୍କୁ ୩୦ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ଦେଇଥିଲେ । ହେଲେ ତାଙ୍କର ଭିନ୍ନକ୍ଷମ ପ୍ରତିଶତ ୬୦ରୁ ଅଧିକ ହେବ । ଏହି କାରଣ ପାଇଁ ସେ ଆଜି ପର୍ଯ୍ୟନ୍ତ ଭିନ୍ନକ୍ଷମ ଭତ୍ତା ମଧ୍ୟ ପାଇବାରୁ ବଂଚିତ ହୋଇଛନ୍ତି। ଏଣୁ ତାଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବା ପାଇଁ ସେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି । ସେହିପରି ଉକ୍ତ ଗ୍ରାମର ଜଣେ ୬୦ବର୍ଷିୟା ବୃଦ୍ଧ ଦୀନବନ୍ଧୁ ଦାସ ଭତ୍ତା ଦାବି କରିଛନ୍ତି ।

# ଶତାୟୁ ମହିଳାଙ୍କ ପରଲୋକ

ଭୋଗରାଇ, ୧୭।୨(ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ନହରା ଗ୍ରାମ ପଞ୍ଚାୟତ ଅଧିନ ସେହି ଗ୍ରାମର ସ୍ୱର୍ଗତ ଦେବେନ୍ଦ୍ର ଜେନାଙ୍କ ଧର୍ମପତ୍ନୀ ସୁଭଦ୍ରା ଜେନାଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଦିବଙ୍ଗତା ଜେନା ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥାଇ ଚିକିତ୍ସିତ ହୋଇଆସୁଥିଲା ବେଳେ ଗତ (ରବିବାର) ବିଳମ୍ବିତ ରାତିରେ ତାଙ୍କ ବାସଭବନରେ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପରିବାର ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ସ୍ୱାଇଁ ଅଜୟ କୁମାର ସିଂ ମୁଖାଗ୍ନି ଦେଇଥିଲେ। ଗ୍ରାମ ମଶାଣିରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା ।

# ହିଡିଗାଁ ଶ୍ରୀମାନ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର,୧୭।୨ (ସମିସ): ଚାନ୍ଦିପୁରସ୍ଥିତ ହିଡ଼ିଗାଁ ଶ୍ରୀମାନ ଆବାସିକ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ମୁଖ୍ୟ ପରିଚାଳିକା ପୂର୍ବାଶା ରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପିତାମ୍ବର ବେହେରା ଯୋଗ ଦେଇଥିଲେ । ଉଦଘାଟକ ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶାର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନ ପ୍ରତିଷ୍ଠାତା ଦେବବ୍ରତ ରାୟ, ଶିକ୍ଷାବିତ ସର୍ବେଶ୍ୱର ସେଠୀ, ପ୍ରଧାନ ଆଚାର୍ଯ୍ୟା ସାବେତ୍ରୁନ ବିବି, ଦୀନେଶ କୁମାର ବେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥଲେ । ମୁଖ୍ୟ ବକ୍ତା ଭାବେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ବିଶ୍ୱଳ ଉପସ୍ଥିତ ଥିଲେ। ଗୁରୁଜୀ ଚନ୍ଦନ କୁମାର ସାହୁ ଓ ଗୁରୁମା ସୁଜାତା ମଣ୍ଡଳ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ବାଲେଶ୍ୱର ପ୍ରେସ୍ କ୍ଲବର ରୌପ୍ୟ ଜୟନ୍ତୀ ସମାରୋହ



ବାଲେଶ୍ୱର,୧୭ ।୨(ସମିସ): ବାଲେଶ୍ୱର ପ୍ରେସ କ୍ଲବର ରୌପ୍ୟଜୟନ୍ତୀ ସମାରୋହ ସ୍ଥାନୀୟ ପ୍ରେସ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ବିପ୍ଳବ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ ତଥା ସରକାରୀ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସୁଦର୍ଶନ ଯେନା ଓ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ ଆଣ୍ଡ କମର୍ସ(ବିସିଆଇସି)ର ସଭାପତି ସଞ୍ଜୟ କୁମାର ଦାସ, ଶିବୁ ପୋଦାର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କ୍ଲବର ସ୍ମରଣିକା ‘ମାଧ୍ୟମ’କୁ ଅତିଥିମାନେ ଲୋକାର୍ପିତ କରିବା ସହ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ରାଉତ ଏବଂ ମାନସ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହା ସହିତ କ୍ଲବର ରୌପ୍ୟଜୟନ୍ତୀ ସମାରୋହ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ଲବର ଉପସଭାପତି ଅଧୀପ କୁମାର ଜେନା ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ରତିକାନ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ବାଗ ସ୍ୱାଗତ ଅଭିଭାଷଣ ଏବଂ ସାଧାରଣ ସମ୍ପାଦକ ରାଜକିଶୋର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କ୍ଲବର ସମ୍ପାଦକ ମନୋଜ କୁମାର ରାଉଳ ମାନପତ୍ର ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସମ୍ପାଦକ ଗୋବିନ୍ଦ ରାଠୀ। ଶେଷରେ କୋଷାଧ୍ୟକ୍ଷ ସପନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ମିଳିତ ନିଶା ନିବାରଣ ଅଭିଯାନର ବୈଠକ



ବାଲେଶ୍ୱର,୧୭ ।୨(ସମିସ): ମିଳିତ ନିଶା ନିବାରଣ ଅଭିଯାନ ବାଲେଶ୍ୱରର ମାସିକ ବୈଠକ ନେଳିଆବାଗ ସ୍ଥିତ କାର୍ଯ୍ୟାଳୟରେ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ। ଓଡ଼ିଶାର ୫ଟି ଜିଲ୍ଲାରେ ସରକାରଙ୍କ ପକ୍ଷରୁ ନିଶା ନିବାରଣ କେନ୍ଦ୍ର ସ୍ଥାପନ ବିଷୟରେ ଏପର୍ଯ୍ୟନ୍ତ କୌଣସି ଅଗ୍ରଗତି ହୋଇ ନ ଥିବାରୁ ସଦସ୍ୟମାନେ ଚିନ୍ତା ପ୍ରକଟ କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ଆସନ୍ତା ଏପ୍ରିଲ୨୦ରେ ‘ମନା’ର ବାର୍ଷିକ ଉତ୍ସବ କରାଯିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି । ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ବେଣୁଧର ସାହୁ, ରବି ନାରାୟଣ ଭୋଳ, ସନାତନ ଦାସ, ସଂଗୀତା ମହାନ୍ତି, ଭାରତୀ ପଣ୍ଡା, କୁମୁଦ ରଞ୍ଜନ ଗିରି, ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ସିଂହ, ନିରଞ୍ଜନ ରାଉତ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ତ୍ରିଦିବ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗୀତାଞ୍ଜଳି ଶତପଥୀ ଧନ୍ୟବାଦ ଦେଇଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବାଲେଶ୍ୱର,୧୭।୨(ସମିସ):

ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ମହାବିଦ୍ୟାଳୟରେ ଅଧ୍ୟୟନରତ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଉତ୍କର୍ଷର କେନ୍ଦ୍ର ତଥା ବାୟୋ-ଉତ୍ସ ପରିଚାଳନା ଏବଂ ଶକ୍ତି ସଂରକ୍ଷଣ ସାମଗ୍ରୀ ବିକାଶ ପାଇଁ ଉତ୍କର୍ଷର କେନ୍ଦ୍ର ପକ୍ଷରୁ ପ୍ରଶିକ୍ଷଣ ଶିବିର ଆରମ୍ଭ କରାଯାଇଛି। ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦଘାଟନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା କରାଯାଇଛି । ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଫେସର ଗଗନ ବିହାରୀ ନିତ୍ୟାନନ୍ଦ ଚଇନୀ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନର ପ୍ରମୁଖ ଉଦ୍ଦେଶ୍ୟ ନେଇ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ୧୫ଦିନିଆ ଶିବିରରେ ବିଜ୍ଞାନ ଜଗତର ବିଭିନ୍ନ ପ୍ରକ୍ରିୟା, ବ୍ୟବହୃତ ଉପକରଣ ସହ ପରିଚୟ, ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ସହ ଜ୍ଞାନ ବିନିମୟ, ଶିକ୍ଷକ ମାନଙ୍କ ଠାରୁ ଜ୍ଞାନ ଆହରଣ, ବିଷୟଗୁଡ଼ିକ ପ୍ରତି ଆଗ୍ରହ ପ୍ରଦର୍ଶନ, ବୈଜ୍ଞାନିକ ତଥା ବିଶେଷଜ୍ଞ ମାନଙ୍କ ସହ ଆଲୋଚନା ଇତ୍ୟାଦି ଅନେକ ସୁଯୋଗ ଛାତ୍ରଛାତ୍ରୀମାନେ ଲାଭ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛଅଟି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗରେ ଅଧ୍ୟୟନରତ ସ୍ନାତକ ଛାତ୍ରଛାତ୍ରୀ ଯୋଗଦେଇ ନିଜର ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ବିଶ୍?ବିଦ୍ୟାଳୟ ଉତ୍କର୍ଷ କେନ୍ଦ୍ରର ନୋଡାଲ ଅଫିସର ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଡ଼କ୍ଟର ପୂନମ କୁମାରୀ ଉଦଘାଟନୀ ବୈଠକକୁ ସଂଚାଳନ କରିଥିଲେ ଓ ଡ଼କ୍ଟର ରାଜୀବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।




### ଭିନ୍ନକ୍ଷମଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ ଯୋଜନା

# ସଚେତନତା ଅଭାବରୁ ଉପଭୋକ୍ତାଙ୍କୁ ମିଳୁନି ଲାଭ

ବାଲେଶ୍ୱର,୧୭ ।୨(ସମିସ)

ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଯୋଜନା କରାଯାଉଛି । ଏଥିମଧ୍ୟରେ ଭିନ୍ନକ୍ଷମମାନଙ୍କୁ ବିବାହ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଉଛି । ଗତ ତିନି ବର୍ଷ ମଧ୍ୟରେ ମୋଟ ୨୪୦ଜଣ ଉପଭୋକ୍ତାଙ୍କୁ ଏହି ରାଶି ପ୍ରଦାନ କରାଯାଇଥିବାବେଳେ ଏବେ ସୁଦ୍ଧା ୨୯୦ଟି ଆବେଦନ ପଡ଼ି ରହିଛି ।

ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କ ବିବାହ ପ୍ରୋତ୍ସାହନ ରାଶି ଅଢ଼େଇ ଲକ୍ଷ ଟଙ୍କା ରହିଛି ।୨୦୨୧-୨୨ ଆର୍ଥିକ ବର୍ଷରୁ ଅନଲାଇନ ମାଧ୍ୟମରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ପଞ୍ଜୀକରଣ କରାଯାଉଛି । ଅନଲାଇନରେ ଆବେଦନ ହେବା ପର ଠାରୁ ଜିଲ୍ଲାରେ ୩ବର୍ଷ ମଧ୍ୟରେ ମୋଟ ୬୭୩ଜଣ ଭିନ୍ନକ୍ଷମ ବ୍ୟକ୍ତି ବିବାହ ପ୍ରୋତ୍ସାହନ ରାଶି ପାଇବା ପାଇଁ ଆବେଦନ କରିଥିଲେ । ସେଥି ମଧ୍ୟରୁ ୨୪୦ଜଣଙ୍କୁ ଉକ୍ତ ରାଶି ପ୍ରଦାନ କରାଯାଇଥିବା ବେଳେ ୨୯୦ଜଣଙ୍କ ଆବେଦନ ପଡ଼ି ରହିଛି । ଏପରିକି ୧୪୩ଙ୍କର ଆବେଦନ ନାକଚ ମଧ୍ୟ ହୋଇଛି ।

ଜିଲ୍ଲାରେ ପାଖାପାଖି ୭୦ ହଜାରରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତି ରହିଥିଲେ ମଧ୍ୟ ସଚେତନତା ଅଭାବରୁ ଏହାର ଆବେଦନ ସଂଖ୍ୟା ବୃଦ୍ଧି ହୋଇପାରୁ ନାହିଁ କି ସେମାନେ ଏହି ପ୍ରୋତ୍ସାହନ ରାଶି ପାଇ ପାରୁ ନାହାନ୍ତି । ଜିଲ୍ଲାର ୧୨ଟି ବ୍ଲକରେ ସଠିକ ଭାବେ ସଚେତନତା କାର୍ଯ୍ୟକ୍ରମ କରାଯାଉ ନାହିଁ । ୨୦୨୧-୨୨ରୁ ଏପର୍ଯ୍ୟନ୍ତ ବାହାନଗା ବ୍ଲକରେ ୧୭ଜଣ ହିତାଧିକାରୀ ଆବେଦନ କରିଥିବା ବେଳେ ୮ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୭ଜଣଙ୍କର ଆବେଦନ ପଡି ରହିଥିବା ବେଳେ ୨ଜଣଙ୍କର ନାକଚ ହୋଇଛି । ବାଲେଶ୍ୱର ପୌରାଞ୍ଚଳରେ ୧୫ଜଣ ଆବେଦନ କରିଥିବା ବେଳେ ୨ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୨ଜଣଙ୍କର ଆବେଦନ ପଡି ରହିଥିବା ବେଳେ ୧୧ଜଣଙ୍କର ନାକଚ ହୋଇଛି । ବାଲେଶ୍ୱର ସଦରରୁ ୫୪ଜଣ ଆବେଦନ କରିଥିବା ବେଳେ ୧୯ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୧୯ଜଣଙ୍କ ଆବେଦନ ପଡି ରହିଥିବା ବେଳେ ୧୬ଜଣଙ୍କ ନାକଚ ହୋଇଛି । ବାଲିଆପାଳରୁ ୨୩୧ଜଣ ଆବେଦନ କରିଥିବା ବେଳେ ୮୯ଜଣଙ୍କୁ ଏହିରାଶିପ୍ରଦାନକରାଯାଇଛି ।୧୦୧ଜଣଙ୍କର ଆବେଦନ ପଡି ରହିଥିବାବେଳେ ୪୧ଜଣଙ୍କର ନାକଚ ହୋଇଛି । ବସ୍ତାରୁ ୭୭ଜଣ ଆବେଦନ କରିଥିବା ବେଳେ ୨୮ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୩୬ଜଣଙ୍କର ଆବେଦନ ପଡି ରହିଥିବା ବେଳେ ୧୩ଜଣଙ୍କର ନାକଚ ହୋଇଛି । ଭୋଗରାଇରୁ ୧୧୦ଜଣ ଆବେଦନ କରିଥିବା ବେଳେ ୪୦ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୪୮ଜଣଙ୍କର ଆବେଦନ ପଡି ରହିଥିବା ବେଳେ ୨୨ଜଣଙ୍କର ନାକଚ ହୋଇଛି । ଜଳେଶ୍ୱରରୁ ୬୫ଜଣ ଆବେଦନ କରିଥିବାବେଳେ ୨୩ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୩୭ଜଣଙ୍କର ଆବେଦନ ପଡି ରହିଥିବା ବେଳେ ୫ଜଣଙ୍କ ନାକଚ ହୋଇଛି । ଜଳେଶ୍ୱର ପୌରାଞ୍ଚଳରୁ ୩ଜଣ ଆବେଦନ କରିଥିବା ବେଳେ ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ଖଇରାରୁ ୨୦ଜଣ ଆବେଦନ କରିଥିବା ବେଳେ ୮ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୭ଜଣଙ୍କ ଆବେଦନ ପଡି ରହିଥିବା ବେଳେ ୫ଜଣଙ୍କର ନାକଚ ହୋଇଛି । ନୀଳଗିରିରୁ ୧୫ଜଣ ଆବେଦନ କରିଥିବା ବେଳେ ୫ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୫ଜଣଙ୍କର ଆବେଦନ ପଡି ରହିଥିବା ବେଳେ ଆଉ ୫ଜଣଙ୍କ ଆବେଦନ ନାକଚ ହୋଇଛି । ନୀଳଗିରି ଏନଏସି ଅଞ୍ଚଳରୁ ଜଣେ ଆବେଦନ କରିଥିବା ବେଳେ ତାଙ୍କର ନାକଚ ହୋଇଛି । ଔପଦାରୁ ୭ଜଣ ଆବେଦନ କରିଥିବା ବେଳେ ୨ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୨ଜଣଙ୍କର ଆବେଦନ ପଡି ରହିଥିବା ବେଳେ ୩ଜଣଙ୍କର ନାକଚ ହୋଇଛି । ରେମୁଣାରୁ ୧୯ଜଣ ଆବେଦନ କରିଥିବା ବେଳେ ୭ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୯ଜଣଙ୍କର ଆବେଦନ ପଡି ରହିଥିବା ବେଳେ ୩ଜଣଙ୍କର ନାକଚ ହୋଇଛି । ସିମୁଳିଆରୁ ୧୫ଜଣ ଆବେଦନ କରିଥିବା ବେଳେ ୪ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୪ଜଣଙ୍କର ଆବେଦନ ପଡି ରହିଥିବା ବେଳେ ୭ଜଣଙ୍କର ନାକଚ ହୋଇଛି । ସୋର ବ୍ଲକରୁ ୧୮ଜଣ ଆବେଦନ କରିଥିବା ବେଳେ ୨ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୯ଜଣଙ୍କର ଆବେଦନ ପଡି ରହିଥିବା ବେଳେ ୭ଜଣଙ୍କର ନାକଚ ହୋଇଛି । ସୋର ପୌରାଞ୍ଚଳରୁ ୬ଜଣ ଆବେଦନ କରିଥିବା ବେଳେ ୨ଜଣଙ୍କୁ ଏହି ରାଶି ପ୍ରଦାନ କରାଯାଇଛି । ୨ଜଣଙ୍କ ଆବେଦନ ପଡି ରହିଥିବା ବେଳେ ୨ଜଣଙ୍କ ନାକଚ ହୋଇଛି ।

ଏ ନେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା କହିଛନ୍ତି ଯେ, ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ଉଦ୍ୟମ କରାଯାଉଛି । ଏପରିକି ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଆଲୋଚନା କରାଯାଇ ସଚେତନ କରାଯାଉଛି । ଅନ୍ୟପଟେ ବହୁ ହିତାଧିକାରୀଙ୍କ ସ୍ୱଳ୍ପ ଅବଧି ପ୍ରମାଣପତ୍ର ଯୋଗୁଁ ତାହା ପଡିରହିଥିବାବେଳେ ଆଉ କିଛି ନାକଚ ହୋଇଛି । ବିଡିଓ ଓ ତହସିଲଦାର ଏହାର ତଦନ୍ତ କରି ବିଭାଗକୁ ପଠାଇଲେ ଉପଭୋକ୍ତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ ।

## ତାରୁଣ୍ୟ ଅଭିନନ୍ଦନ ଉତ୍ସବରେ ୩ ପୁସ୍ତକ ଉନ୍ମୋଚିତ



ଜଳେଶ୍ୱର, ୧୭।୨ (ସମିସ): ବିଶିଷ୍ଟ ସାରସ୍ୱତ ସାଧକ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରାଣ ପ୍ରତିଷ୍ଠାତା ବିପିନ ବିହାରୀ ବିଶ୍ୱାଳଙ୍କ ୮୧ ତମ ଜନ୍ମତିଥି ଅବସରରେ ଆୟୋଜିତ ତାରୁଣ୍ୟ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଛି । ଜଳେଶ୍ୱର ବ୍ଲକ୍ ବଜାଇସ୍ଥିତ ତାରୁଣ୍ୟ ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ ଅଧ୍ୟକ୍ଷତା କରିଥିଲେ । ସମାରୋହକୁ ପ୍ରଧାନ ଶିକ୍ଷକ ଡ. ଅଜିତ କୁମାର ମହାନ୍ତି ସଞ୍ଚାଳନ କରିଥିଲେ । ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ସୁବାସ ଚନ୍ଦ୍ର ଦାସ, କାଳି କିଙ୍କର ଦାସ, ଇଂଜିନିୟର ଅଭୟ ସୂତାର, ବାସୁଦେବ ନାପିତ, ଅରୁଣ ହୋତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଚଳ ଚନ୍ଦ୍ର ପରିଡ଼ା, ବିଶିଷ୍ଟ ନାଟ୍ୟକାର କାଳନ୍ଦୀ ମଲ୍ଲିକ, କବି ବ୍ରଜେନ୍ଦ୍ର ନାଥ ଗିରି, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କବି ବାଞ୍ଛାନିଧି ମହାନ୍ତି, ନବ କୁମାର ଦାସ, ପଦ୍ମଲାଭ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ୩ ଶହରୁ ଅଧିକ ସାରସ୍ୱତ ସାଧକ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏକାଅଶୀତମ ଅଭିନନ୍ଦନ ଗ୍ରନ୍ଥ ତାରୁଣ୍ୟ-୨୧, ନିତ୍ୟାନନ୍ଦ ନାୟକଙ୍କ ରଚିତ ଗୀତିନାଟ୍ୟ ଭକ୍ତକବି ଦୀନକୃଷ୍ଣ ଓ ଗିରିଶ ପାଣିଗ୍ରାହୀଙ୍କ ରଚିତ ଶିବ ସଂହିତା ଉନ୍ମୋଚିତ ହୋଇଥିଲା । କବି ଡ. ଶ୍ରୀକୁମାରଙ୍କ ସଂଯୋଜନାରେ ୩୦ ଜଣ କବି ସ୍ୱରଚିତ କବିତା ମଧ୍ୟ ପାଠ କରିଥିଲେ । ପ୍ରାକ୍ତନ ସରପଞ୍ଚ ମଧୁସୂଦନ ଦତ୍ତ, ମନୋରଞ୍ଜନ ଦାସମହାପାତ୍ର, ସବିତା ପାଠୀ, ରଞ୍ଜନ ଘୋଷ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଦ୍ୟାପତି ଦେ, ଶରତ ଚନ୍ଦ୍ର ପରିଡ଼ା, ସୁଶୀଲ କୁମାର ମାହାନା, ମଧୁଛନ୍ଦା ମହାନ୍ତି, ଇନ୍ଦୁମତି ଗିରି, ଅନନ୍ତ ଦାସ, ସୁଶାନ୍ତ କୁମାର ନାୟକ, ଶିକ୍ଷକ ସୁଶାନ୍ତ କୁମାର ଦାସ, ସବିତା ପାଠୀ, ଭୃଗୁରାମ କରଶର୍ମା ଓ ଜ୍ୟୋତିଷ ଚନ୍ଦ୍ର କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜଳେଶ୍ୱର ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ କ୍ରୀଡ଼ା



ଜଳେଶ୍ୱର, ୧୭।୨ (ସମିସ): ଜଳେଶ୍ୱର ଷ୍ଟେସନ ବଜାର ମିଲ୍ କଲୋନୀସ୍ଥିତ ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାସନାଲ ସ୍କୁଲର ଦ୍ୱିତୀୟ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଉଦ୍ୟୋଗପତି ଇଂଜିନିୟର ବିକାଶ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କ୍ରୀଡାବିତ୍ ରଞ୍ଜନ କୁମାର ଦାସ ମହାପାତ୍ର, ଅନ୍ୟତମ ବିଶିଷ୍ଟ କ୍ରୀଡାବିତ୍ କୁମାର ଚନ୍ଦନ, କ୍ରିକେଟ କୋଚ୍ କ୍ରୀଷ୍ଣା ମୁର୍ମୁ, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ନାଥ ସେନାପତି, ସୁକୁମାର ରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦୈନନ୍ଦିନ ଜୀବନରେ କ୍ରୀଡା ଅଭ୍ୟାସ କରାଯିବା ଉଚିତ ବୋଲି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ସ୍କୁଲର ନିର୍ଦ୍ଦେଶକ ବିଶ୍ୱଜିତ ପଟ୍ଟନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସି.ଇ.ଓ) ଡ. ସ୍ମରଣ କୁମାର ନାୟକ, ଅଧ୍ୟକ୍ଷ ବରୁଣ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜନସେବା କେନ୍ଦ୍ର ପରିଚାଳକଙ୍କ ଦାବିପତ୍ର

ଜଳେଶ୍ୱର, ୧୭।୨ (ସମିସ): ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗ ଦ୍ୱାରା ସ୍ୱଚ୍ଛତା ଦୃଷ୍ଟିରୁ ଆଇଟି ରିଟର୍ଣ୍ଣ କରିଥିବା ବ୍ୟକ୍ତିଙ୍କୁ ରାସନ କାର୍ଡରୁ ବାଦ୍ ଦେଇଥିବା ବେଳେ କେତେକ ଗରିବ ବ୍ୟକ୍ତି ଋଣ କରିବା ପାଇଁ ବ୍ୟାଙ୍କର ପରାମର୍ଶ କ୍ରମେ ଆଇଟି ରିଟର୍ଣ୍ଣ କାଢ଼ିବାକୁ କୁହା ଯାଇଥିଲା । ସେମାନେ ଗରିବ ପରିବାରର ଲୋକ ହୋଇ ଥିବାରୁ ଏବଂ ସେମାନଙ୍କ ରାସନ କାଟିବା ନେଇ ତୀବ୍ର ଅସନ୍ତୋଷ ଦେଖା ଯାଇଥିବା ବେଳେ ଜଳେଶ୍ୱର ଅଞ୍ଚଳର ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରରେ ନିୟୋଜିତ ଗ୍ରାମ୍ୟ ସ୍ତରୀୟ ଉଦ୍ୟୋଗୀ(ଜନସେବା କେନ୍ଦ୍ର ପରିଚାଳକ)ମାନେ ଅନୁରୂପଭାବେ ୧୦ ବର୍ଷ ଧରି ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକ ସୁପରିଚାଳନା କରିବା ସହିତ କୋଭିଡ- ୧୯ ସମୟରେ ମୃତ୍ୟୁକୁ ଭୟ ନ କରି ସମସ୍ତ ସରକାରୀ ଜନ କଲ୍ୟାଣ ଯୋଜନା ଗୁଡିକ ତୁଲାଇଥିଲେ । ସେମାନେ ମୁଦ୍ରା ଋଣ ପାଇଁ ଆଇଟି ରିଟର୍ଣ୍ଣ ଫାଇଲ କରିଥିଲେ । ସେମାନଙ୍କ ନାମ ମଧ୍ୟ ରାସନ କାର୍ଡରୁ କଟାଯାଇଛି । ଏଥିପାଇଁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସମସ୍ତ ଜନସେବା କେନ୍ଦ୍ର ପରିଚାଳକ ଏକତ୍ରିତ ହୋଇ ରାସନ କାର୍ଡ ନ କାଟିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଜରୀଆରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ରାସନ କାର୍ଡ ନ କାଟିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ରରେ ଅନୁରୋଧ କରା ଯାଇଥିବା ବେଳେ ଯଦି କଟା ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ଭୀଷଣ ରୂପ ନେବ ବୋଲି ଜନସେବା କେନ୍ଦ୍ର ପରିଚାଳକ ସୁନିଲ ଖିଲାର, ପୁଷ୍ପଲତା ଖିଲାର, ରଜତ ସାହୁ, ସନତ ସାହୁ, ପବିତ୍ର କୁମାର ସାହୁ, ପ୍ରଦୀପ ଘଡ଼ାଇ, ଲକ୍ଷ୍ମୀକାନ୍ତ ପତି, ସେକ ଅବଦୁଲ ରହିମ, ଶିବ ଶଙ୍କର ପ୍ରଧାନ, ପୁଷ୍ପିତା ଭୂୟାଁ, ଘନଶ୍ୟାମ ଭୂୟାଁ, ରାଜକୁମାର ଭୂୟାଁ, ସତ୍ୟ ନାରାୟଣ ପତି, କ୍ରିଷ୍ଣା ରାଣୀ ପତି, ନବ କୁମାର ବେହେରା, ହରିଶ ଚନ୍ଦ୍ର ଦେ, ଅମଲ ଗିରି, ଫାଲଗୁନି ମହାନ୍ତି, ଆକାଂକ୍ଷା ମହାନ୍ତି, ସର୍ବେଶ୍ୱର ଜେନା, ବିଶ୍ୱରୂପ ଦାସ, ନିଲେଶ କୁମାର ଚୌହାନ, ଗଦାଧର କାମିଲା ଓ ଗୋପାଳ ଚାନ୍ଦ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



## ଦଶମ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଳେଶ୍ୱର, ୧୭।୨ (ସମିସ): ସମ୍ପତିଆ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ସବିତା ପାଠୀ ସଭାର ଆୟୋଜନ କରିଥିବା ବେଳେ ସହକାରୀ ଶିକ୍ଷକ ଶୁଭରାମ ସିଂ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୀତାଞ୍ଜଳି କାମିଲା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାପତି ଦେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଆଲୁମନି କମିଟି ସଭାପତି ଡାକ୍ତର କାଳିଚରଣ ଶତପଥୀ ଉପସ୍ଥିତ ହୋଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ଶିକ୍ଷୟିତ୍ରୀ ସବିତା ପାଠୀ ମଞ୍ଚ ଆହ୍ୱାନ କରିଥିଲେ । ବିଦାୟୀ ଛାତ୍ରଛାତ୍ରୀଙ୍କୁ ଉପହାର ଦିଆ ଯିବା ଶିକ୍ଷକ ରଣଜିତ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅମିତ୍ ଦାସ, ରଶ୍ମି ରାଣୀ ସାହୁ, କନକଲତା ସାସମାଲ ଓ କନକଲତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।



## ଟିଆଖିଆ ପ୍ରିମିୟର ଲିଗ୍; ଏମ୍‌ବିସି ଫାଇଟର ଚାମ୍ପିଅନ




ବାଲେଶ୍ୱର,୧୭।୨ (ସମିସ): ତ୍ରିରଙ୍ଗା କମ୍ୟୁନିଟି ସେଣ୍ଟର ପକ୍ଷରୁ ଗତ ଜାନୁଆରୀ ୧ ତାରିଖ ଠାରୁ ଟିଆଖିଆ ଖେଳ ପଡିଆରେ ଚାଲିଥିବା ଟିଆଖିଆ ପ୍ରିମୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜନ-୧୩ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ସିପୁ ଏକାଦଶ ଏବଂ ଏମବିସି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୧୦ ଓଭର ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ଟସ ଜିତି ଏମବିସି ଫାଇଟର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୪ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା ।

ଜବାବରେ ସିପୁ ଏକାଦଶ ୧୦ ଓଭରରେ ୫ ୱିକେଟ ହରାଇ ୧୦୨ ରନ କରିବାରେ ସକ୍ଷମ ହୋଇଥିଲା । ଫଳରେ ଏମବିସି ଫାଇଟର ଫାଇନାଲ ମ୍ୟାଚ ଜିତିବା ସହ ଚାମ୍ପିଅନ ହୋଇଥିଲା । ତ୍ରିରଙ୍ଗା କମ୍ୟୁନିଟି ସେଣ୍ଟରର ପୃଷ୍ଠପୋଷକ ତଥା ଆଇନଜୀବୀ ଶାନ୍ତନୁ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଥିଲେ । ସମ୍ମାନିତ ଅତିଥି ଭାବେ ଗୋପୀନାଥପୁର ସରପଞ୍ଚ କମଳଲୋଚନ ପରିଡ଼ା, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ପ୍ରଧାନ, ସନ୍ତୋଷ ନାୟକ, କମଳଲୋଚନ ବେହେରା, ସଭାପତି କାହ୍ନୁଚରଣ ନାଥ, ସମ୍ପାଦକ ଚତୁର୍ଭୁଜ ବେହେରା, କୋଷାଧ୍ୟକ୍ଷ ଉଜ୍ଜଳ ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

ଅତିଥି ମାନଙ୍କ ଦ୍ୱାରା ଚାମ୍ପିଅନ ଏବଂ ରନର୍ସଅପ ଟିମ୍‌କୁ ଟ୍ରଫି ଏବଂ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ । ରିଙ୍କୁ ପ୍ରଧାନ ମ୍ୟାନ ଅଫ୍ ଦି ସିରିଜ ଏବଂ ମିର ହୁସେନ ଖାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଜୟନ୍ତ ନାଥ ଏବଂ ବ୍ରଜେଶ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ ।

## ଟ୍ରେଲରକୁ ଧକ୍କା ଦେଇ ବାଇକ୍ ଆରୋହୀ ଗୁରୁତର

ରାଜଘାଟ, ୧୭।୨ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ବାଘବଜାର ଛକ ନିକଟରେ ଚଳନ୍ତା ଟ୍ରେଲରକୁ ଧକ୍କା ଦେଇ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଯୁବକ ଜଣକ ହେଲେ କମର୍ଦ୍ଦା ଥାନା ମହାଗବ ଅଞ୍ଚଳର ରବିନାରାୟଣ ଦାସଙ୍କ ପୁଅ ଜୟପ୍ରକାଶ(୨୦) । ଉକ୍ତ ଟ୍ରେଲର ବାଲେଶ୍ୱର ପଟୁ ଜଳେଶ୍ୱର ଅଭିମୁଖେ ଯାଉଥିବା ସମୟରେ କୌଣସି ଏକ ମାଙ୍ଗଳିକ ଉତ୍ସବରେ ଭିଡିଓ ସୁଟ୍ କାମ ସାରି ବାଇକରେ ଫେରୁଥିବା ଜୟପ୍ରକାଶ ଉକ୍ତ ଟ୍ରେଲର ପଛକୁ ଧକ୍କା ଦେଇଥିଲେ । ଫଳରେ ସେ ଗାଡ଼ିରୁ ଦୂରକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଓ ଜାତୀୟ ରାଜପଥ ପୁଲିସ ସହାୟତାରେ ଜୟପ୍ରକାଶଙ୍କୁ ବସ୍ତା ହସ୍ପିଟାଲକୁ ପଠାଯାଇଥିଲା । ଖବରପାଇ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ପହଞ୍ଚି ବାଇକଟିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି । ଘଟଣା ସ୍ଥଳରୁ ଟ୍ରେଲରଟି ଚମ୍ପଟ୍ ମାରିଛି ।

## ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଇରା,୧୭ ।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ମିନି ଷ୍ଟାଡିୟମରେ ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ବାସୁଦେବପୁରର ଉତ୍କଳିକା ସ୍ପୋର୍ଟ ଓ ବାଲେଶ୍ୱରର ୟୁଏଣ୍ଡମି ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ବାଲେଶ୍ୱର ବାସୁଦେବପୁରକୁ ୬ଉଇକେଟରେ ପରାସ୍ତ କରିଛି । ମ୍ୟାଚରେ ୧୦୭ରନ କରିଥିବା ୟୁଏଣ୍ଡମିର ଦେବାଶିଷ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା । ଖଇରାର ବିଦ୍ୟୁତ ରକ୍ଷଣାବେକ୍ଷଣକାରୀ କମ୍ପାନୀ ଆକାଂକ୍ଷାର ପରିଚାଳନା ନିର୍ଦ୍ଦେଶକ ବିପିନ ଦାସମହାପାତ୍ର ମୁଖ୍ୟଅତିଥି, ଗୋଳିହା ସରପଞ୍ଚ ପୁଷ୍ପଲତା ଘଡେଇ ଓ ସମିତିସଭ୍ୟ ରଞ୍ଜନ କୁମାର ରାଉତ, ଝିଙ୍କିରିଆ ସରପଞ୍ଚ ନିତୁନିବେଦିତା ମାଝୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଭାତ କୁମାର ସାହୁ ଓ ଈଶ୍ୱର ଚନ୍ଦ୍ର ମାଝୀ ଖେଳ ପରିଚାଳନା କରିଥିଲେ । କୈଳାସ ମାଝୀ ଓ ଶିବସୁନ୍ଦର ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ । ଚଣ୍ଡିମାତା ୟୁଥ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା

ଖଇରା,୧୭ ।୨ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ନଟାପଡାଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୨୬ତମ ରାଜ୍ୟସ୍ତରୀୟ ଶିଶୁବିକାଶ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇ ଯାଇଛି । ଖଇରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଦ୍ୱିତୀୟରୁ ସପ୍ତମ ପର୍ଯ୍ୟନ୍ତ ୯୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଭୁବନେଶ୍ୱର ସିଡବ୍ଲୁଏସଡି ଦ୍ୱାରା ପରିଚାଳିତ ଏହି ପରୀକ୍ଷାକୁ ଅଧିକ୍ଷକ ଭାବେ ଶଶିକାନ୍ତ ଦାସ, ଗୁରୁମା ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ପଙ୍କଜ ମହାନ୍ତି, ପ୍ରଭାକର ଓଝା, ବଳରାମ ଲେଙ୍କା, ଅହଲ୍ୟା ପାଣି, ମୋନାଲିସା ଶିଅଳ, ବବିତା ପାଣିଗ୍ରାହୀ, ବାସନ୍ତୀ ମହାପାତ୍ର ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ ।



## ଜଳେଶ୍ୱର ସହରବାସୀ ପାଇବେ ୨୪ ଘଣ୍ଟିଆ ପାନୀୟ ଜଳ

● ଜଳ ଯୋଗାଣ ପାଇଁ ଟେଣ୍ଡର ଆହ୍ୱାନ

ଜଳେଶ୍ୱର, ୧୭।୨ (ସମିସ): ଜଳେଶ୍ୱର ବାସୀ ବହୁ ଦିନ ଧରି ୨୪ ଘଣ୍ଟା ବିଶୁଦ୍ଧ ପିଇବା ପାଣି ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ । ଜଳେଶ୍ୱର ବାସୀଙ୍କର ଦାବିକୁ ଆଖି ଆଗରେ ରଖି ଜଳେଶ୍ୱର ପୌରପାଳିକାର ନଗରପାଳ ଶ୍ରୀଯୁକ୍ତ ପ୍ରତାପ କୁମାର ପ୍ରଧାନ ୨୦୨୨ ମସିହାରେ ନଗରପାଳ ଭାବେ ନିର୍ବାଚିତ ହୋଇ ଆସିବା ପରେ ତତ୍କାଳୀନ ମନ୍ତ୍ରୀ ତଥା ବର୍ତ୍ତମାନର ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ନିକଟରେ ସୁବର୍ଣ୍ଣରେଖା ନଦୀରୁ ପିଇବା ପାଣି ଆଣି ସହର ବାସୀଙ୍କ ନିମନ୍ତେ ଉପଲବ୍ଧ କରାଇବା ପାଇଁ ପ୍ରସ୍ତାବ ରଖିଥିଲେ । ବିଧାୟକ ଶ୍ରୀ ପାତ୍ରଙ୍କ ପ୍ରୟାସରେ ଏକ ଡିପିଆର ପ୍ରଥମେ ପ୍ରସ୍ତୁତ କରା ଯାଇଥିଲା । ସେହି ଡିପିଆରକୁ ତତ୍କାଳୀନ ଜିଲ୍ଲାପାଳ ଅନୁମୋଦନ କରିବା ପରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ମଧ୍ୟ ଅନୁମୋଦନ କରିଥିଲେ । ବିଭାଗଠାରୁ ଅନୁମୋଦନ ମିଳିବା ପରେ ଇଆଇସି ଜନସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଗତ ୧୪ ଫେବୃଆରୀ ୨୦୨୫ ରିଖରେ ଟେଣ୍ଡର ଆହ୍ୱାନ କରାଯାଇଛି । ଖୁବ୍‌ଶୀଘ୍ର ଜଳେଶ୍ୱର ବାସୀ ୨୪ ଘଣ୍ଟା ବିଶୁଦ୍ଧ ପିଇବା ପାଣି ପାଇବେ ବୋଲି ଆଶା କରିଛନ୍ତି । ଏଥିପାଇଁ ନଗରପାଳ ଶ୍ରୀ ପ୍ରଧାନ ବିଧାୟକ ଶ୍ରୀ ପାତ୍ରଙ୍କୁ ଧନ୍ୟବାଦ୍ ଜଣାଇବା ସହ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ବର୍ବରୋଚିତ ଭାବେ ଚାଲାଣବେଳେ ୩୭ ଗୋରୁ ଉଦ୍ଧାର

# ଗୋଚାଲାଣ ବନ୍ଦ ନ ହେଲେ ଆନ୍ଦୋଳନ ଚେତାବନୀ

ରାଜଘାଟ, ୧୭।୨ (ସମିସ)

ରବିବାର ରାତିରେ ବସ୍ତା ଥାନା ବାହାର୍ଦ୍ଧାବସ୍ତିରେ ଅତି ବର୍ବରୋଚିତ ଭାବରେ ଗୋବଂଶ ବୋଝେଇ ଚାଲିଥିଲା ବେଳେ ଗୋ ସେବା ଓ ସୁରକ୍ଷା ସମିତି ପକ୍ଷରୁ ୩୭ ଗୋରୁ ପୁଲିସ ସହାୟତାରେ ଧରାଯାଇଛି । ଏହି ଗୋରୁମାନଙ୍କୁ କଂସେଇଖାନା ନିଆଯାଇଥାଆନ୍ତା । ବସ୍ତା ଅଞ୍ଚଳର କିଛି ଯୁବକ ଖବର ପାଇ ବାଲେଶ୍ୱର ଏସ୍.ପି.ଙ୍କ ଦ୍ୱାରା ବସ୍ତା ଥାନାକୁ ଖବର କରିବା ପରେ ପୁଲିସ୍ ଗାଡ଼ି ଧରିଥିଲା । ମାତ୍ର ଗୋଟିଏ ଗାଡ଼ିରୁ ଗୋବଂଶଙ୍କୁ ଓହ୍ଲାଇ ଛାଡ଼ିଦେଇଥିଲା । ଏହାକୁ ଦେଖି ଅଭିଯୋଗ କରିଥିବା ଯୁବକ ମାନେ ମଥାନୀ ନିକଟରେ ଗାଡିଟିକୁ ଧରି ଅଟକ ରଖିଥିଲେ । ସେଠାରେ ପରେ ପୁଲିସ୍ ମଧ୍ୟ ପହଞ୍ଚିଥିଲା ।୧୫ ଗୋବଂଶ ମଥାନୀ ନିକଟରେ ଥିଲେ । ଆଉ ଗୋଟିଏ ଗାଡ଼ିରେ ୨୨ଜଣ ଗୋବଂଶ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଫାସୀ ଦିଆଯାଇଥିବା ଭଳି ବନ୍ଧାହୋଇଥିଲେ ଏକ ଟ୍ରକରେ । ପୁଲିସ ଘଟଣା ସମ୍ପର୍କରେ ୪୬/୨୫ ମୂଳେ ଏକ ମାମଲା ରୁଜୁ କରି ଗାଡ଼ିକୁ ଜବତ କରିଥିବା ବେଳେ ଡ୍ରାଇଭରକୁ ଗିରଫ କରିଛି । ଗୋଟିଏ ଗାଈ ମୃତ୍ୟୁ ବରଣ କରିଛି । ଉଦ୍ଧାର ହୋଇଥିବା ଗୋବଂଶ ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ବାହାର୍ଦ୍ଧ । ବସ୍ତିଟି ଥାନା,ଏସଡ଼ିପିଓ ଏବଂ ବସ୍ତା ତହସିଲ ଠାରୁ ମାତ୍ର ପାଞ୍ଚ ଶହ ମିଟର ଦୂରରେ ରହିଥିଲେ ହେଁ ସେଠାରୁ ଗୋଚାଲାଣ ନିୟମିତ ହେବା ଦୁର୍ଭାଗ୍ୟ ଜନକ ବୋଲି ବସ୍ତା ଗୋ ସେବା ଓ ସୁରକ୍ଷା ସମିତି ପକ୍ଷରୁ କର୍ମକର୍ତ୍ତା ମାନସ ଦାସ, ସୂର୍ଯ୍ୟ ନାରାୟଣ ସାହୁ, ନିହାର ରଞ୍ଜନ ବେହେରା, ଦିବାକର ରାଉତ, ପ୍ରକାଶ କୁଣ୍ଡୁ, ଜ୍ୟୋତିର୍ମୟ ନନ୍ଦ ଅଭିଯୋଗ କରିଛନ୍ତ । ଗୋଚାଚାଲାଣ ସଂପୂର୍ଣ୍ଣ ବନ୍ଦ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।



# ଏନ୍‌ସିସି 'ସି' ସାର୍ଟିଫିକେଟ୍ ପରୀକ୍ଷାଦେଲେ ୨୫୭ କ୍ୟାଡେଟ୍



**କେନ୍ଦୁଝର,୧୭।୨(ସମିସ):** କେନ୍ଦୁଝର ଧରଣୀଧର ବିଶ୍ୱ ବିଦ୍ୟାଳୟ ପରିସରରେ ଥିବା ୧୪(ଓ) ବାଟାଲିୟନ ଏନ୍‌ସିସିର ସି ସାର୍ଟିଫିକେଟ୍ ପାଇଁ ଦୁଇଦିନିଆ ପରୀକ୍ଷା ବାଟାଲିୟନରେ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୨୫୭ ଜଣ ଏନ୍‌ସିସି କ୍ୟାଡେଟ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାକୁ ୯(ଓଡ଼ିଶା) ବାଟାଲିୟନର କମାଣ୍ଡିଙ୍ଗ ଅଫିସର କର୍ନେଲ ଏସ ସି କୁଲକର୍ଣ୍ଣି ସଞ୍ଚାଳନ କରିଥିଲେ। ପରୀକ୍ଷାରେ ୧୪(ଓଡ଼ିଶା) ବାଟାଲିୟନ ଏନ୍‌ଡ଼ସିସିର ଅଡ଼ମିନିଷ୍ଟ୍ରେଟିଭ ଅଫିସର ଲେଫ୍ଟନାଣ୍ଟ କର୍ନେଲ ମୟୂର ଘାଡ଼ଗେ ସହଯୋଗ କରିଥିଲେ। ଏହି ପରୀକ୍ଷାରେ ମୟୂରଭଞ୍ଜ ଓଡ଼ିଆ କେନ୍ଦୁଝର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଏନ୍‌ସିସି କ୍ୟାଡେଟ୍‌ମାନେ ଅଂଶଗ୍ରହଣ କରିଥିଲେ।

# ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ



**କେନ୍ଦୁଝର,୧୭।୨(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜେଲରୋଡ୍, କେନ୍ଦୁଝରଗଡ଼ ଠାରେ ଶିଶୁବାଟିକା ବିଭାଗର 'ଘର ହିଁ ବିଦ୍ୟାଳୟ' ପରିବାର ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଭାବରେ ଶିଶୁବାଟିକାରେ ନାମ ଲେଖାଇଥିବା ଶିଶୁଙ୍କର ପିତାମାତାମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରଚାରକ ତପନ କୁମାର ନାୟକ ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାଧ୍ୟାପିକା ତଦାଶା ତଟିନୀ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶିଶୁ ଶିକ୍ଷାର ଭାରତୀୟ ଏବଂ ପାଶ୍ଚାତ୍ୟ ସଂକଳନ ଓ ଏହାର ବର୍ତ୍ତମାନ ସ୍ଥିତି ତଥା ଶିଶୁର ଶାରୀରିକ ଓ ମାସିକ ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ଓ ସଦସ୍ୟା ରଞ୍ଜିତା ପ୍ରଧାନ ଉପସ୍ଥିତ ଥିଲେ। କୁନିକୁନି ପିଲାମାନଙ୍କ ଦ୍ୱାରା ସାମୂହିକ କଣ୍ଠ ସଂଗୀତ ତଥା ପାରମ୍ପରିକ ନୃତ୍ୟ ପରିବେଶଷ କରାଯାଇଥିଲା। ଉକ୍ତ ପ୍ରଶିକ୍ଷଣ ଶିଶୁବାଟିକା ପ୍ରମୁଖ ବିଜୟିନୀ ଦେବୀ, ମନସ୍ୱିନୀ ଦାଶ, ପ୍ରଦୀପ ଦାସ, ବିରଞ୍ଚି ନାରାୟଣ ମହାନ୍ତ, ଜ୍ୟୋତିରାଣି ପଣ୍ଡା, ପୁଷ୍ପାଞ୍ଜଳି ସାହୁ, ଆରତୀ ସାହୁ, ସୁଜାତାରାଣୀ ମିଶ୍ର ଓ ମୌସୁମୀ ରାଉତରାୟ ଆଦି ଗୁରୁଜୀଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣରେ ୧୧୭ ଜଣ ପିତାମାତା ଉପସ୍ଥିତ ଥିଲେ।

## ଯାଞ୍ଚବେଳେ ଫାଟିଲା ପାଇପ୍

# ରାସ୍ତାରେ ଆଣ୍ଠୁଏ ପାଣି



ଯାତାୟାତ ବାଧାପ୍ରାପ୍ତ

**ବେଲବାହାଲି,୧୭।୨(ସମିସ):** ଯାଞ୍ଚବେଳେ ପାନୀୟଜଳ ପାଇପ୍ ଫାଟି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଲହଡ଼ି ମାରୁଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏପରିକି ରାସ୍ତାରେ କୃତ୍ରିମ ଝରଣାର ଭ୍ରମ ଦେଖିବାକୁ ମିଳିଥିବାବେଳେ ବହୁ ସମୟ ଧରି କୌଣସି କର୍ମଚାରୀଙ୍କ ଦେଖା ମିଳିନଥିଲା। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ୨୦ନଂ ଜାତୀୟ ରାଜପଥରୁ ବେଲବାହାଲି ବଜାରକୁ ସଂଯୋଗ କରିଥିବା ରାସ୍ତା ପାଶ୍ୱର୍ରେ ସୋମବାର ଅପରାହ୍ଣରେ ଏଭଳି ଅଘଟଣ ଘଟିଥିଲା। ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍ ଯାଞ୍ଚବେଳେ ଫାଟି ଯିବାରୁ ଏଭଳି ହୋଇଥିଲା। ସୂଚନା ଅନୁଯାୟୀ ମେଗା ପ୍ରକଳ୍ପ ଦ୍ୱାରା ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ କିଛି ସ୍ଥାନରେ ପାଇପ୍ ବିଛା କାର୍ଯ୍ୟ ସରିଥିବା ବେଳେ ଆଜି ଅପରାହ୍ଣରେ ପ୍ରଥମ ଥର ପାଇଁ ପାଣି ଛଡ଼ା ଯାଇ ପରୀକ୍ଷା ନିରୀକ୍ଷା କରାଯାଉଥିଲା। ତେବେ ବେଲବାହାଲି ଗ୍ରାମର ଉକ୍ତ ସ୍ଥାନରେ ପାଇପ୍ ଫାଟି ୩୦ ଫୁଟ ଉପରକୁ ପାଣି ଉଠିବା ସହ ଚାରି ପାଶ୍ୱର୍ ଏବଂ ରାସ୍ତା ଉପରେ ପାଣି ଜମି ରହିଥିବାରୁ ଯାତାୟତରେ ବ୍ୟାହତ ସୃଷ୍ଟି ହୋଇଥିଲା। ପାଇପ୍ ଫାଟିବାର ଏକ ଘଣ୍ଟା ପର୍ଯ୍ୟନ୍ତ କୌଣସି କର୍ମଚାରୀ ଅବା ଅଧିକାରୀ ପହଞ୍ଚିପାରି ନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଣୁ ଖରାଦିନେ ପିଇବା ପାଣିକୁ ଏଭଳି ଅଯଥାରେ ନଷ୍ଟ କରାନଯାଇ ଉପଭୋକ୍ତାମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଦାବି ହୋଇଛି। ତେବେ ଏ ଦିଗରେ ମେଗା ପ୍ରକଳ୍ପ ଅଧିକାରୀ ଦୃଷ୍ଟି ଦେଇ ଫାଟିଥିବା ପାଇପ୍‌କୁ ତୁରନ୍ତ ମରାମତି କରିବା ପାଇଁ ବେଲବାହାଲି ଗ୍ରାମବାସୀ ଦାବି କରିଛନ୍ତି।

# ସୀମାନ୍ତ ଯୁବ ସମିତିର ମହୋତ୍ସବ ଉଦ୍‌ଯାପିତ

**ସାରସକଣା,୧୭।୨(ସମିସ):** ସାରସକଣା ବ୍ଲକ ସୀମାନ୍ତ ଅଞ୍ଚଳ ବମ୍ବେଛକଠାରେ ଚାଲିଥିବା ସାର୍ବଜନୀନ ଦୁର୍ଗାପୂଜା ପଡିଆରେ ଆନୁଷ୍ଠାନିକ ଭାବେ ଅଷ୍ଟମ ବାର୍ଷିକ ସୀମାନ୍ତ ଯୁବ ମହୋତ୍ସବ ଉଦଯାପିତ ହୋଇଯାଇଛି। ସୀମାନ୍ତ ଯୁବ ସମିତି ଓ ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ୟୁନିଟ ଆନୁକୂଲ୍ୟରେ ଆୟୋଜିତ ଯୁବ ମହୋତ୍ସବ ଅନ୍ତିମ ଦିନର କାର୍ଯ୍ୟକ୍ରମର ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ମହୋତ୍ସବର ମୁଖ୍ୟ ସ୍ରଷ୍ଟା ତଥା ବିଧାୟକ ଭାଦବ ହାଁସଦା ଯୋଗଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ରାଜ୍ୟ କମିଟି ସଦସ୍ୟ ସୁଗୁଦା ମୁର୍ମୁ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଅଂଚଳବାସୀଙ୍କୁ ସମ୍ବୋଧନ କରିଥିଲେ। ଦୀର୍ଘବର୍ଷ ଧରି ମହୋତ୍ସବ କମିଟି ଓ ଜାତୀୟ ଯୁବ ପ୍ରକଳ୍ପ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥିଲେ ସୁଦ୍ଧା ବହୁ ବାର ଦାବି କରିବା ପରେ ମଧ କାର୍ଯ୍ୟାଳୟ ଗୋଟିଏ ହୋଇପାରି ନାହିଁ। ଯାହାକୁ ନେଇ କମିଟି ତରଫରୁ ନିର୍ବାଚିତ ଲୋକପ୍ରତିନିଧି୍ଙ୍କୁ ସୂଚିତ କରିବା ପରେ ଅତିଥିଗଣ ଏନେଇ ସହଯୋଗ କରିବେ ବୋଲି ମଞ୍ଚରେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବା ସାହିତ ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ କନିକା ବୋଷ, ପତଞ୍ଜଳି ନନ୍ଦ, ଦୀପକ କୁମାର ସେଠୀ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସୀମାନ୍ତ ମହାବିଦ୍ୟାଳୟ ଓ ଶରତପାଳ କଲେଜରେ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




# ଅଲଚିକି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ଶିବିର



**ଠାକୁରମୁଣ୍ଡା, ୧୭।୨(ସମିସ):** ସାନ୍ତାଳୀ ସମ୍ପ୍ରଦାୟର ସ୍ୱତନ୍ତ୍ର ଭାଷା ଓ ଲିପି ରହିଛି; ଯାହାକୁ ୧୯୨୫ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁ ଉଦ୍ଭାବନ କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନ ଜାମସେଦପୁର ଏବଂ ପାର୍ସୀ ସିଞ୍ଜୀ ଚାନ୍ଦ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁ ମାହାଲ ମାଡ଼ୱା ଦାଣ୍ଡବୋଷ ତରଫରୁ ମୟୂରଭଂଜ ଜିଲ୍ଲା ଠାକୁରମୁଣ୍ଡା, କରଞ୍ଜିଆ ବ୍ଲକ, ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ, ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ, କେନ୍ଦୁଝର ଜିଲ୍ଲାର କେନ୍ଦୁଝର, ଘଟଗାଁ, ସାହାରପଡ଼ା, ଆନନ୍ଦପୁର, ଘସିପୁରା, ହାଟଡିହି ବ୍ଲକ ଓ ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ, କଙ୍କଡ଼ାହାଡ଼ ବ୍ଲକ୍‌ରେ ଚାଲିଥିବା ୨୦ଟି ଅଲଚିକ ଶିକ୍ଷା କେନ୍ଦ୍ରର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରେନର ଭାବେ ଟାଟା ଷ୍ଟିଲ ଫାଉଣ୍ଡେସନରୁ ଶିବନାରାୟଣ ହେମ୍ବ୍ରମ୍, ଆଜୀଙ୍କା ବିରୁଆ ଓ ପାର୍ସୀ ସିଞ୍ଜୀଚାନ୍ଦ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ମାହାଲ ମାଡ଼ୱାରୁ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଭୀମୱାର ମୁର୍ମୁ ଏବଂ ନରେନନ୍ଦର ମାର୍ଣ୍ଡି ଆସି ଆଲଚିକି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡିଜିଟାଲ ମାଧ୍ୟମରେ କିପରି ସହଜ ଓ ସରଳ ଭାଷାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯାଇପାରିବ ସେ ତାଲିମ ଦିଆଯାଇଥିଲା। ଶିବିରକୁ ସଂଯୋଜକ ଛୋଟରାୟ ମୁର୍ମୁ, ସୁଗୁଦା ମୁର୍ମୁ, ଭାଗିରଥି ମୁର୍ମୁ, ଶାଙ୍ଗ ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ।

# ନୃତ୍ୟଶ୍ରୀ ଏକାଡେମୀରେ କବିତା ପାଠୋତ୍ସବ



**କରଞ୍ଜିଆ,୧୭।୨(ସମିସ):** ବୌଦ୍ଧ ଜ୍ଞାନପ୍ରକାଶ ସଂସ୍ଥାନ ସୌଜନ୍ୟରେ ଏକ କବିତା ପାଠ ଓ ବନ୍ଧୁମିଳନ ମୟୂରଭଂଜ ଜିଲ୍ଲା କରଂଜିଆର ନୃତ୍ୟଶ୍ରୀ ଏକାଡେମୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜ୍ଞାନ ପ୍ରକାଶ ସଂସ୍ଥାନର ପ୍ରତିଷ୍ଠାତା ଡକ୍ଟର ଗ୍ୟାନ ଚାନ୍ଦ୍ ଶତପଥୀ ଅଧ୍ୟକ୍ଷତା କରିଥିଲେ। ସଭାରେ ପ୍ରେସକ୍ଲବ ସଂପାଦକ କର୍ଣ୍ଣାର୍ଜୁନ ସାହା ମୁଖ୍ୟ ଅତିଥି ଓ ବାଣୀବିନୋଦ ଭରତ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟ ତଥା ରାଷ୍ଟ୍ରୀୟ ସ୍ତରରେ ସାହିତ୍ୟ, ସଂସ୍କୃତି ଓ ଦର୍ଶନର ଆଦାନ ପ୍ରଦାନ ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥି ଇଟରନିଟୀ ଅନ୍ତର୍ରାଷ୍ଟ୍ରୀୟ ଇଂରାଜୀ ପତ୍ରିକାର ସଂପାଦକ କବି ହରେକୃଷ୍ଣ ମହାନ୍ତ ବିଶିଷ୍ଟ ଆମେରିକୀୟ ନାରୀ କବି ଗୋଲଡି ମାଇଲସ୍ ଓ ଓଡିଶାର ପ୍ରଖ୍ୟାତ କବି ଗୋପୀନାଥ ମହାନ୍ତି କିପରି କବିମାନେ ପ୍ରଥମେ ଦାର୍ଶନିକ ବୋଲି ପ୍ରମାଣିତ କରିଛନ୍ତି ସେ ନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସର୍ବେଶ୍ୱର ମିଶ୍ର ଡ. ଜ୍ଞାନଚାନ୍ଦ ଶତପଥୀ କରଂଜିଆକୁ ତାଂକ ସଂସ୍ଥାନର ମୟୂରଭଂଜ ଜିଲ୍ଲାର କେନ୍ଦ୍ର ଭାବେ ଚୟନ କରିଥିବାରୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଂକ ମଧ୍ୟରେ କବି ଇଂ ତ୍ରିଲୋଚନ ସେଠୀ, ଅଧ୍ୟାପିକା ମୋନାଲୀସା ଶତପଥୀ, ସବିତା ମହାନ୍ତି, ଅନୀତା ବେହେରା, ପଣ୍ଡିତ ଗୌରହରି ମହାନ୍ତ, ନିର୍ଭୟ ଖବରକାଗଜର ସାମ୍ବାଦିକ ସରୋଜ ବେହେରା, କବି ରବୀନ୍ଦ୍ର ନାଥ ପାତ୍ର, ସମାଜସେବୀ ପ୍ରଦୀପ କୁମାର ଶତପଥୀ ଓ ବର୍ଷୀୟାନ କବି ବେଣୁଧର ମହାନ୍ତ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ। ମୁଖ୍ୟ ଉଦ୍ୟୋକ୍ତା, ଜ୍ଞାନ ପ୍ରକାଶ ମୟୂରଭଂଜ ଜିଲ୍ଲାର ସଂଯୋଜକ ତଥା ନୃତ୍ୟଶ୍ରୀ ଏକାଡେମୀର ସଂପାଦକ ସମୀର ଓତା ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ 'ନିପୁଣ ଓଡ଼ିଶା' ମେଳା ଉତ୍ସବ



**ବଡ଼ଡାଲିମା ୧୭।୨(ସମିସ):** ତିରିଙ୍ଗ ଶିକ୍ଷା ବିଭାଗ ତରଫରୁ ତିରିଙ୍ଗ ରାଣୀସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଛାତ୍ରଛାତ୍ରୀ ମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ନିପୁଣ ଓଡ଼ିଶା ମେଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ମୁଖ୍ୟ ବ୍ୟକ୍ତା ଭାବେ ବିଇଓ ଜଙ୍ଗେ୍ୱଶ୍ୱର୍ ଜେନା, ସମ୍ମାନନୀୟ ଅତିଥି ଭାବେ ବଡଡାଲିମା ସମିତି ସଭ୍ୟ ବଳଦେବ ହେମ୍ବ୍ରମ, ଏବିଇଓ ମକ୍ର ମୁର୍ମୁ, ଲେଖକ ସୁବ୍ରତ କୁମାର ସାହୁ, ସରପଞ୍ଚ ମାଳତୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦ୍?ାରା କରାଯାଇଥିବା ବିଭିନ୍ନ କିଟ୍ ସାମଗ୍ରୀ କୁ ନେଇ ଅଭିନବ ଶିକ୍ଷା "ଦାନର ବ୍ୟବସ୍ଥାର ଷ୍ଟଲ ବେଶ ଆକର୍ଷଣୀୟ ଥିଲା। ସମସ୍ତ ଅତିଥି, ଛାତ୍ରଛାତ୍ରୀ ତଥା ଅଭିଭାବକ ମାନେ ସମସ୍ତ ଷ୍ଟଲ ମାନଙ୍କୁ ପରିଦର୍ଶନ କରି ଆନନ୍ଦ ଅନୁଭୂତି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷ୍ୟକାର ପ୍ରଭାସ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ଅଜିତ ପାହାଡି ସମସ୍ତ ପ୍ରକାର କାର୍ଯ୍ୟକ୍ରମର ବ୍ୟବସ୍ଥା କରିବାର ଦାୟିତ୍? ନେଇ ସଫଳ କରାଇଥିଲେ। ଏହା ବ୍ୟତୀତ ସମସ୍ତ ସିଆରସିସି ଜାଗାଇ ସିଂ କାଲୁଣ୍ଡିଆ, ଗୋବର୍ଦ୍ଧନ ଭୋୟ, ତପନ କୁମାର ପାତ୍ର, ମନୋରଞ୍ଜନ ବାବୁ ତଥା ତିରିଙ୍ଗ ବ୍ଲକର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ



**ସାରସକଣା, ୧୭ ।୨(ସମିସ):** ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ବାରିପଦା ଓ ସୀମାନ୍ତ ଯୁବ ମହୋତ୍ସବ ସମିତି ଝାରପୋଖରିଆର ସହଯୋଗରେ 'ଲୋକସାହିତ୍ୟ, ଲୋକଜୀବନର ମୁକୁର' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ସୀମାନ୍ତ ଯୁବ ମହୋତ୍ସବର ତୃତୀୟ ଦିନରେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ସରୋଜ ନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ବାବରୁବାହନ ମହାପାତ୍ର, ସମ୍ମାନିତ ଅତିଥିଭାବେ ଝାରଖଣ୍ଡର ପୂର୍ବତନ ମନ୍ତ୍ରୀ ଡକ୍ଟର ଦିନେଶ ଷଡ଼ଙ୍ଗୀ, ଷଢ଼େଇକଳାର ଅତନୁ କବି, ବରିଷ୍ଠ ସାହିତ୍ୟିକ ବୃନ୍ଦାବନ ଦାଶ, ପ୍ରଫେସର ଜଗତବନ୍ଧୁ ଆଚାର୍ଯ୍ୟ, ଜଟଣୀରୁ କୁଞ୍ଜବିହାରୀ ପାଢ଼ୀ, ସୀମାନ୍ତ ଯୁବ ମହୋତ୍ସବ ସମିତିର ସଭାପତି ଅଶୋକ ପୁଷ୍ଟି, କବି ଅମିତାଭ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆବାହକ ଅଧ୍ୟପକ ଶିଶିର କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଅଧ୍ୟାପକ ଥୋମାସ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ବକ୍ତାଭାବେ ପ୍ରଫେସର ଡକ୍ଟର କୁଞ୍ଜବନ ପୁଷ୍ଟି ଯୋଗଦେଇ ଆଲୋଚ୍ୟ ଶୀର୍ଷକରେ ସବିଶେଷ ଆଲୋଚନା କରିବା ସହ ନିବନ୍ଧ ଉପସ୍ଥାପନ କରିଥିଲେ। ବୈଷୟିକ ଅଧିବେଶନରେ ପ୍ରଫେସର ଡକ୍ଟର ତ୍ରିନାଥ ମଲ୍ଲିକ, ଡକ୍ଟର ଦିଗମ୍ବର ଗିରି, ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ପ୍ରଫେସର ଡକ୍ଟର ନିର୍ମଳ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଜିତ ପାତ୍ର, ପଦ୍ମନାଭ ସାହୁ, ବରିଷ୍ଠ ସାମ୍ବାଦିକ ସଞ୍ଜୟ ଚୌଧୁରୀ, ଡକ୍ଟର କୁମାର ବାବୁଲି ଅଧ୍ୟାପକ ଥୋମାସ ମାରାଣ୍ଡି, ସୁଜାତା ପଟ୍ଟନାୟକ, ସ୍ୱପ୍ନେଶ୍ୱରୀ ମୁର୍ମୁ, ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଦଯାପନ ଦିବସରେ ପୂର୍ବତନ ବିଧାୟକ ଡକ୍ଟର ବୁଢାନ ମୁର୍ମୁ ଯୋଗଦେଇଥିଲେ। ଏହି ଅବସରରେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ତରଫରୁ ବିଶିଷ୍ଟ ସାହିତ୍ୟିକ ବାଲେଶ୍ୱରରେ କାର୍ଯ୍ୟରତ ରୁଦ୍ରରଞ୍ଜନ ଶେଜପଡା, ମାନସ କୁମାର ସେନାପତି, ବାରିପଦାର ମନୋଜ ଦଳବେହେରା, ଅଜିତ କବାଟ, ଡକ୍ଟର ଶଶୀଧର, ରାଇରଙ୍ଗପୁରର ଡକ୍ଟର ଦିଗମ୍ବର ଗିରି, କରଞ୍ଜିଆର ନବ କୁମାର ଦାସ, ଉଦଳାର ସୁଶାନ୍ତ ବେହେରା, ବେତନଟୀର ନିରୋଦ ସୁନ୍ଦର ଜେନା, ଦେଉଳିରୁ ଗୋପାଳଚନ୍ଦ୍ର ସାହୁ, ସରସକଣାରୁ ଏକାଦଶୀ ମହାନ୍ତ, ସିଉଲାଲ ମହାନ୍ତ, ଡକ୍ଟର ସଂଜୀବ ପାଣିଗ୍ରାହୀଙ୍କୁ ମାନପତ୍ର ସମ୍ମାନିତ କରାଯାଇଥିଲା। ଶେଷରେ ସୀମାନ୍ତ ଯୁବ ମହୋତ୍ସବ ପ୍ରମୁଖ ମଳୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ଣ୍ଣେଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ



**ରାଇରଙ୍ଗପୁର,୧୭ ।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହରର କୁଚେଇବୁଢୀ ଶ୍ରୀ ଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପରିସରରେ ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା ବାମନଘାଟୀ ଶାଖା ଆନୁକୂଲ୍ୟରେ ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏଥିରେ କର୍ତ୍ତାଭାବେ ଦେବବ୍ରତ ରଥ ମହାପାତ୍ର ସପତ୍ନୀକ କର୍ତ୍ତା ଭାବେ ମାନସୀ ମହାପାତ୍ର ଯଜ୍ଞ ବେଦୀରେ ଉପବେସନ କରିଥିଲେ। ଉକ୍ତ ଯଜ୍ଞକାଣ୍ଡରେ ପୁରୀରୁ ପଣ୍ଡିତଗଣ ଶ୍ରୀକାନ୍ତ ନନ୍ଦ, ସତ୍ୟ ତ୍ରିପାଠୀ, ରୂପକ ପଣ୍ଡା ଓ ପ୍ରତାପ ନନ୍ଦଙ୍କ ବେଦମନ୍ତ୍ର ଉଚ୍ଚାରଣରେ ମନ୍ଦିର ପରିସର ପ୍ରକମ୍ପିତ ହେଉଛି। ୧୬ ତାରିଖ ରବିବାର ଅଙ୍କୁରାରୋପଣ, ମଣ୍ଡଳକରଣ ଅଧିବାସ, ୧୭ ତାରିଖ ସୋମବାର ପ୍ରାତଃରେ ଜଳଯାତ୍ରା, ଯଜ୍ଞମଣ୍ଡପ ପ୍ରବେଶ, ଶାଳାରେ ଦେବତାମାନଙ୍କ ଆବାହନ, ସ୍ଥାପନ, ପୂଜନ, ମୂଳମନ୍ତ୍ର ଜପ, ଅଗ୍ନି ସଂସ୍କାର, ଆରତୀ, ପୁଷ୍ପାଞ୍ଜଳି, ୧୮ ତାରିଖ ମଙ୍ଗଳବାର ପ୍ରାତଃ ସୂର୍ଯ୍ୟପୂଜା, ଗୁରୁ ପୂଜା, ଧରିତ୍ରୀ ପୂଜା, ଗୋପୂଜା ୧୯ ତାରିଖ ବୁଧବାର ପ୍ରାତଃ ସୂର୍ଯ୍ୟପୂଜାଦି କ୍ରମେଣ ଶାଳାମଣ୍ଡପ ଦେବତାମାନଙ୍କ ପୂଜନ, ଶ୍ରୀମଦ ଭାଗବତ୍ ଗୀତା ହବନ, ପୂର୍ଣ୍ଣାହୁତି, ଆରତୀ, ପୁଷ୍ପାଞ୍ଜଳି ଆୟୋଜିତ ହେବ ବୋଲି ବାମନଘାଟୀ ବ୍ରାହ୍ମଣ ମହାସଭା ରାଇରଙ୍ଗପୁର ତରଫରୁ ସୂଚନା ଦିଆଯାଇଛି।

# ବରାଙ୍ଗ ଜଙ୍ଗଲରେ ଲୋପ ପାଇବ ହରିଣ ବଂଶ!

**ରାମଚନ୍ଦ୍ରପୁର,୧୭ ।୨(ସମିସ)**

- ବୁଲା କୁକୁର ଆକ୍ରମଣରେ ଦୁଇ ମଲେଣି
- କର୍ମଚାରୀ ଅଭାବ, ମୁକୁଳା ପଡ଼ିଛି ବିଟ୍ ହାଉସ



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ଟିପା ହରିଣଙ୍କ ଏନ୍ତୁଡ଼ି ଶାଳ ଭାବେ ପରିଚିତ। ଏହି ଜଙ୍ଗଲରେ ଶହଶହ ସଂଖ୍ୟାରେ ଟିପା ହରିଣ ରହିଥିଲେ ମଧ୍ୟ ବିଭିନ୍ନ କାରଣରୁ ଅନେକ ସମୟର ହରିଣ ପଲ ଜନବସତିମୁହାଁ ହୋଇ କ୍ଷତ ବିକ୍ଷତ ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି। ସପ୍ତାହକ ମଧ୍ୟରେ ଦୁଇଟି ହରିଣ ମରିଥିବାବେଳେ ଗୌଟିଏ କ୍ଷତାକ୍ତ ହୋଇଥିବା ସୂଚନା ମିଳିଛି। ହରିଣଙ୍କ ମୃତ୍ୟୁ ପଛରେ ବନ ବିଭାଗର ଉଚ୍ଚ କର୍ତ୍ତୁପକ୍ଷଙ୍କ ଖାମଖିଆଲି ମନୋଭାବ ସାଙ୍ଗକୁ ଜଙ୍ଗଲ ସୁରକ୍ଷାରେ କର୍ମଚାରୀ ଅଭାବ। ହରିଣଙ୍କ ସୁରକ୍ଷା ପ୍ରତି ବିପଦ ସାଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଜଙ୍ଗଲରେ ହରିଣ ବ୍ୟତୀତ ସମ୍ବର, ଘୁଷୁରୀ ଭାଲୁ, ନେଉଳ, ଝିଙ୍କ, ପାତି ହନୁ, ବଣକୁକୁଡ଼ା ସହିତ ବିଭିନ୍ନ ପ୍ରକାର ସରୀସୃପ ଓ ବଜ୍ରକାପ୍ତା ଏଠାରେ ଦେଖା ଯାଇଥାନ୍ତି। ୧୩୩୦ ହେକ୍ଟର ପରିମିତ ଏହି ଜଙ୍ଗଲର ଜଳବାୟୁ ହରିଣ ବଂଶ ବୃଦ୍ଧି ଦିଗରେ ବେଶ ସହାୟକ ହୋଇଥାଏ।ଏଠାକାର ମାଟିରେ ଲବଣାଂଶର ମାତ୍ରା ପ୍ରଚୁର ମାତ୍ରାରେ ଭରି ରହିଥିବାରୁ ହରିଣ ମାନଙ୍କ ଖାଦ୍ୟ ପାଇଁ ବେଶ ଉପଯୋଗୀ ହୋଇଥାଏ। ହରିଣ ମାନେ ଦଳଦଳ ହୋଇ ଖୋଲା ମେଳାରେ ସ୍ୱଚ୍ଛନ୍ଦରେ ବିଚରଣ କରିଥାନ୍ତି। ପ୍ରତ୍ୟେକ ବର୍ଷ ଆଶାତୀତ ଭାବେ ହରିଣମାନଙ୍କ ବଂଶ ବୃଦ୍ଧି ଘଟୁଥିଲେ ମଧ୍ୟ ହରିଣଙ୍କ ଗଣନା ସଠିକ ଢଙ୍ଗରେ ହେଉନାହିଁ।ବିଶେଷ କରି ଗ୍ରୀଷ୍ମ ଦିନରେ ବୁଲା କୁକୁର ହାବୁଡ଼ରେ ପଡି ଲହୁ ଲୁହାଣ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି।ଏସବୁ ଭିତରେ ରାମଚନ୍ଦ୍ରପୁର ଫରେଷ୍ଟ ସେସ୍କନ ଅଧୀନରେ ଥିବା ପଟିଲୋ ଏବଂ ବରାଙ୍ଗ ଜଙ୍ଗଲ ସୁରକ୍ଷାରେ ଜଣେ ଫରେଷ୍ଟର ସହ ଜଣେ ମାତ୍ର ଫରେଷ୍ଟଗାର୍ଡ ଏବଂ ୫ ଜଣ ଅସ୍ଥାୟୀ ଜଗୁଆଳି ନିୟୋଜିତ ଅଛନ୍ତି। ଅନ୍ୟ ଜଣେ ଫରେଷ୍ଟଗାର୍ଡ ପଦବୀ ଦୁଇବର୍ଷ ହେଲା ଖାଲି ପଡ଼ିଛି। ଫଳରେ ଜଙ୍ଗଲ ସୁରକ୍ଷାରେ ବ୍ୟାପକ ବିଭ୍ରାଟ ହେବା ବିଟ ହାଉସ ମୁକୁଳା ପଡିଛ। ସେପଟେ ଗ୍ରୀଷ୍ମ ଦିନରେ ଜଙ୍ଗଲ ନିଆଁ ରୋକିବାକୁ ବନବିଭାଗ ପକ୍ଷରୁ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ବ୍ୟବସ୍ଥା ଥିବା ସ୍ଥଳେ ଅଦ୍ୟାବଧି ତାହା ପୂରଣ କରାଯାଇନାହିଁ। ବନବିଭାଗର ଉଚ୍ଚ କର୍ତ୍ତୃପକ୍ଷ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ସମ୍ପର୍କରେ ସବୁ ଜାଣି ମଧ୍ୟ ଚୁପ ବସିଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ହରିଣ ତଥା ଜଙ୍ଗଲ ସୁରକ୍ଷାକୁ ଦୃଷ୍ଟିରେ ରଖି ଖାଲି ପଡିଥିବା ଫରେଷ୍ଟଗାର୍ଡ ପଦବୀ ଯଥା ଶିଘ୍ର ପୂରଣ ସହ ସ୍ଥାନୀୟ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ଅସ୍ଥାୟୀ ପୋଚିଂ ସ୍କ୍ୱାଡ୍ ଭାବେ ନିଯୁକ୍ତି ଦେବା ପାଇଁ ଜଙ୍ଗଲ ସନ୍ନିକଟ ପୁରୁଣାବାନ୍ଧଗୋଡ଼ା, ନଣ୍ଡାବର, ବରାଙ୍ଗ ଗ୍ରାମବାସୀ ଦାବି କରିଛନ୍ତି। ଆନନ୍ଦପୁର ବନଖଣ ଅଧିକାରୀ ଏଦିଗରେ ଯଥା ଶିଘ୍ର ପଦକ୍ଷେପ ନେବାକୁ ସ୍ଥାନିୟ ବୁଦ୍ଧିଜୀବୀ ତଥା ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

